# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ରାଜସ୍ୱ ବିବିଧ ମାମଲା ନଂ.- ୩୦/୨୦୨୩

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ରେଳବାଇ କର୍ତ୍ତୃପକ୍ଷଙ୍କ ନାମେ ରେଳରାସ୍ତା ନିର୍ମାଣ ଉଦ୍ଦେଶ୍ୟରେ ପୂର୍ବତଟ ରେଳବିଭାଗ ଭାରତ ସରକାରଙ୍କ ତରଫରୁ ଉପମୂଖ୍ୟ ଯନ୍ତ୍ରୀ(ନିର୍ମାଣ), ଯାଜପୁର କେଉଁଝର ରୋଡ ଆବେଦନ କରିଛନ୍ତି । ଉକ୍ତ ଜମିର୍ କିସମ ଦେବସ୍ଥଳୀ ଥାଇ ସର୍ବ ସାଧାରଣ ଖାତାରେ ଅଛି । ଏଣୁ ଆବେଦନ କରିଥିବା ଜମିର ସରକାରୀ ଉଦ୍ଦେଶ୍ୟରେ ସୁବିନିଯୋଗ ନିମନ୍ତେ ନିମ୍ନ ପ୍ରଦତ୍ତ ପ୍ରସ୍ତାବ ଅନୁଯାୟୀ ଏହାର ଖାତା ଓ କିସମ ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇପଡିଛି । ତେଣୁ ଏହି ପରିବର୍ତ୍ତନ କରାଗଲେ ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ ଗ୍ରାମବାସୀ/ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ.୨୦.୦୦ଙ୍କା (**କୋଡିଏ** ଟଙ୍କା)ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ ।

ତଫସିଲ ମୌଜା- ବରଦାପାଳ

| ହାଲ ମୁତାବକ | | | | ପ୍ରସ୍ତାବିତ ଅନୁଯାୟୀ | | | |
|---|---|---|---|---|---|---|---|
| ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକରରେ) | ଖାତା ନଂ | ପ୍ଲଟ ନଂ | କିସମ | ଲିଜ ପାଇଁ ଆବଶ୍ୟକ ରକବା(ଏକରରେ) |
| ୧୬୬ (ସର୍ବ ସାଧାରଣ) | ୧୦୨୭ | ଦେବସ୍ଥଳୀ | ୦.୨୭୦ | ୧୬୭ (ଆବାଦ ଯୋଗ୍ୟ ଅନାବାଦୀ) | ୧୦୨୭/୧ | ପତିତ | ୦.୨୨୮ |
| | ୮୫୭ | ଦେବସ୍ଥଳୀ | ୦.୩୮୦ | | ୮୫୭/୧ | ପତିତ | ୦.୩୧୭ |
| | | | | | | ମୋଟ୍ | ୦.୫୪୫ |

ତହସିଲଦାର, କେନ୍ଦୁଝର
15.5.23
TAHASILDAR
KEONJHAR

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଜନ୍ତ୍ର ଦ୍ୱାରା ପ୍ରଚାର/ପ୍ରସାର ପାଇଁ ପ୍ରେରିତ କରାଗଲା / ଅନ୍ୟ ଏକକିତା ନକଲ District Website: www. Kendujhar.nic.in ରେ ପ୍ରକାଶନ ପାଇଁ /ଅନ୍ୟ ଏକକିତା ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଏବଂ ଅନ୍ୟ ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା

ତହସିଲଦାର, କେନ୍ଦୁଝର
15.5.23
TAHASILDAR
KEONJHAR

Scanned with OKEN Scanner

# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ରାଜସ୍ୱ ବିବିଧ ମାମଲା ନଂ.-୨୯/୨୦୨୩

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମି ଅନୁମୋଦିତ ମାଷ୍ଟର ପ୍ଲାନ୍‌ରେ କ୍ଲାସ୍-' A ' ଶ୍ରେଣୀଭୁକ୍ତ ହୋଇଛି । ଉକ୍ତ ସରକାରୀ ଜମିରେ ଇଡକୋ, ଭୁବନେଶ୍ୱରଙ୍କ ତରଫରୁ ଶିଳ୍ପ ଓ ସମବର୍ଗୀ ପ୍ରକଳ୍ପ ଉଦ୍ଦେଶ୍ୟରେ ସୁବିନିଯୋଗ କରିବା ନିମନ୍ତେ ଲିଜ୍ ସୁତ୍ରେ ଆବେଦନ କରିଅଛନ୍ତି । ବର୍ତ୍ତମାନ ଏହାର ଶ୍ରେଣୀ C-' A ' ରୁ 'C-E' କୁ ପରିବର୍ତ୍ତନ କରିବା ଅପରିହାର୍ଯ୍ୟ ଅଟେ । ମାଷ୍ଟରପ୍ଲାନ୍‌ରେ ଏହି ଶ୍ରେଣୀ ପରିବର୍ତ୍ତନ ଦ୍ୱାରା ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ ଗ୍ରାମବାସୀ/ସଂପୃକ୍ତ ପୌରପାଳିକାଙ୍କର ସ୍ୱାର୍ଥ ହାନୀ ଘଟୁଥାଏ ତେବେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ.୨୦.୦୦ଙ୍କା (କୋଡିଏ ଟଙ୍କା)ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ ।

### ତଫସିଲ

### ମୌଜା- ସୁଲେଇଖମାର

| ଖାତା ନଂ | ପ୍ଲଟ ନଂ | କିସମ | ଲିଜ୍ ପାଇଁ ପ୍ରସ୍ତାବିତ ରକବା (ଏକରରେ) | ମାଷ୍ଟର ପ୍ଲାନ୍‌ରେ ଅନୁମୋଦିତ ଶ୍ରେଣୀ | ମାଷ୍ଟର ପ୍ଲାନ୍‌ରେ ପ୍ରସ୍ତାବିତ ଶ୍ରେଣୀ |
|---|---|---|---|---|---|
| ୭୭ (ଅବଦ ଯୋଗ୍ୟ ଅନାବାଦି) | ୯୫ | ପତିତ | ୦.୨୪୦ | C- "A" | C- "E" |
| | | ମୋଟ: | ୦.୨୪୦ | | |

ତହସିଲଦାର, କେନ୍ଦୁଝର
TAHASILDAR

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଜନ୍ତ ଦ୍ୱାରା ପ୍ରଚାର ପ୍ରସାର ପାଇଁ ପ୍ରେରିତ କରାଗଲା / ଅନ୍ୟ ଏକକିତା ନକଲ District Website: www. Kendujhar.nic.in ରେ ପ୍ରକାଶନ ପାଇଁ ଏବଂ ଅନ୍ୟ ଏବଂ ଅନ୍ୟ ଦୁଇ କିତା ନକଲ କେନ୍ଦୁଝର ପୌରପାଳିକା କାର୍ଯ୍ୟାଳୟ/ ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା ।

ତହସିଲଦାର, କେନ୍ଦୁଝର
TAHASILDAR

Scanned with OKEN Scanner

# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

**ରାଜସ୍ୱ ବିବିଧ ମାମଲା ନଂ.- ୧୮/୨୦୨୩**

## <u>ଇସ୍ତାହାର</u>

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ଆଞ୍ଚଳିକ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେଉଁଝର ଙ୍କର କର୍ଜୟାଳୟ ଓ ପ୍ରୟୋଗଶାଳା ନିର୍ମାଣ କରିବା ପାଇଁ ଏହାର ଶ୍ରେଣୀ କ୍ଲାସ୍-' C-II 'ରୁ 'C-I' କୁ ପରିବର୍ତ୍ତନ କରିବା ନିମନ୍ତେ ଇସ୍ତାହାର କରାଯାଇ ଥିଲା। ଏହି ସରକାରୀ ଜମିକୁ ଆଞ୍ଚଳିକ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେଉଁଝରଙ୍କ ଉଦ୍ଦେଶ୍ୟରେ ସୁବିନିଯୋଗ କୁ ବିରୋଧ କରି ଆପତ୍ତି ଅଭିଯୋଗ ଦରଖାସ୍ତ ହସ୍ତଗତ ହୋଇଅଛି। ଏହାର ବିଚାର/ ଶୁଣାଣି ତା.୨୪.୦୪.୨୩ ରିଖ ( ସୋମବାର) କୁ ଧାର୍ଯ୍ୟ କରାଯାଇଅଛି।

ଏଣୁ ଆପଣମାନଙ୍କୁ ଅନୁରୋଧ ତା ତା.୨୪.୦୪.୨୩ ରିଖ ( ସୋମବାର) ଦିନ ତହସିଲଦାର , କେନ୍ଦୁଝରଙ୍କ କର୍ଯ୍ୟାଳୟରେ ଉପସ୍ଥିତ ରହି ବିଚାର/ ଶୁଣାଣି ରେ ଯୋଗଦାନ କରିବା ହେବେ।

### <u>ତଫସିଲ</u>

### ମୌଜା- ମାଗୁରଗାଡିଆ ସାମିଲ ଶିରିପୁର

| ଖାତା ନଂ | ପ୍ଲଟ ନଂ | କିସମ | ଲିଜ୍ ପାଇଁ ଆବଶ୍ୟକ ରକବା(ଏକରରେ) | ମାଷ୍ଟର ପ୍ଲାନ୍‌ରେ ଅନୁମୋଦିତ ଶ୍ରେଣୀ | ମାଷ୍ଟର ପ୍ଲାନ୍‌ରେ ପ୍ରସ୍ତାବିତ ଶ୍ରେଣୀ |
|---|---|---|---|---|---|
| ୧୮୦ (ଅନାବାଦି) | ୧୨୦ | ବଜେଫସଲ-୨ | ୦.୨୧୦ | କ୍ଲାସ୍-ସି-୨ | କ୍ଲାସ୍-ସି-୧ |
| | ୧୨୧ | ଘରବାରି-୨ | ୦.୧୯୦ | କ୍ଲାସ୍-ସି-୨ | କ୍ଲାସ୍-ସି-୧ |
| | ୧୨୨ | ଘରବାରି-୨ | ୦.୦୪୦ | କ୍ଲାସ୍-ସି-୨ | କ୍ଲାସ୍-ସି-୧ |
| | ମୋଟ: | ୩ ଟି ପ୍ଲଟ | ୦.୪୪୦ | | |

Amhaputr (signature)

ତହସିଲଦାର, କେନ୍ଦୁଝର

TAHASILDAR KEONJHAR

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଜନ୍ତ ଦ୍ୱାରା ପ୍ରଚାର ପ୍ରସାର/ପାଇଁ ପ୍ରେରିତ କରାଗଲା / ଅନ୍ୟ ଏକକିତା ନକଲ District Website: www. Kendujhar.nic.in ରେ ପ୍ରକାଶନ ପାଇଁ ଏବଂ ଅନ୍ୟ ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା । ଅନ୍ୟ ଏକକିତା ନକଲ୍ [illegible] କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା।

Amhaputr (signature)

ତହସିଲଦାର, କେନ୍ଦୁଝର

15.4.[illegible]

TAHASILDAR KEONJHAR

Scanned with OKEN Scanner